

# ଶ୍ରୀମନ୍ଦିର ସମାଚାର
# SHREE JAGANNATH TEMPLE BULLETIN

ଜୁନ-୨୦୧୯ (ମିଥୁନ ସଂକ୍ରାନ୍ତି) JUNE - 2019

## ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସମ୍ପନ୍ନ

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ବିରାଜମାନ କରିଥିବା ଶ୍ରୀବିଗ୍ରହମାନଙ୍କର, ବର୍ଷକରେ ପାଳିତ ହେଉଥିବା ବିଭିନ୍ନ ଯାନି-ଯାତ୍ରା ମଧ୍ୟରେ 'ଦ୍ୱାଦଶ ଯାତ୍ରା' ଗୁଡ଼ିକ ବିଶେଷ ଗୁରୁତ୍ୱ ବହନ କରିଥାନ୍ତି । ତନ୍ମଧ୍ୟରୁ 'ଚନ୍ଦନ ଯାତ୍ରା' ଏକ ଦୀର୍ଘକାଳୀନ ଯାତ୍ରା ଅଟେ । ଏହି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ତିଥିରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ବାହାର ଚନ୍ଦନ ଓ ଭିତର ଚନ୍ଦନ ଭେଦରେ ଏହା- ଦୁଇ ପ୍ରକାର । ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ- ସୁସଜ୍ଜିତ ମଣି ବିମାନରେ ରାମ ଓ କୃଷ୍ଣ- ସୁମଣ୍ଡିତ ପାଲିଙ୍କିରେ, ପଞ୍ଚପାଣ୍ଡବ- ନିଜସ୍ୱ ବିମାନରେ ଆରୂଢ଼ ହୋଇ ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରିଥାନ୍ତି ।

ଏହି ପରିପ୍ରେକ୍ଷୀରେ ଗତ ତା: ୭.୫.୧୯ରିଖ ମଙ୍ଗଳବାର ଅକ୍ଷୟ ତୃତୀୟାଠାରୁ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ନାମରେ ଦୁଇଟି ଚାପ ସୁସଜ୍ଜିତ ହୋଇ ରହିଥିଲା । ପ୍ରଥମ ଚାପରେ-ରାମ ଓ କୃଷ୍ଣଙ୍କ ସହ ପଞ୍ଚ ପାଣ୍ଡବ ତଥା ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀନୀଳକଣ୍ଠେଶ୍ୱର ଏବଂ ଦ୍ୱିତୀୟ ଚାପରେ- ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ବିରାଜମାନ କରି ଚାପକ୍ରୀଡା କରିଥିଲେ । ପ୍ରତ୍ୟହ ଦିନଚାପ ଓ ରାତ୍ରଚାପ ଅନୁଷ୍ଠିତ ହୋଇଥିଲା । ତା. ୨୬. ୫. ୧୯ରିଖ ରବିବାର ଦିନ 'ଭଉଁରୀ ଯାତ୍ରା' ଅନୁଷ୍ଠିତ ହେଇଥିଲା । ଚଳିତ ବର୍ଷ ଭଉଁରୀ ନୀତି ସଅଳ ସମ୍ପନ୍ନ ହୋଇଥିଲା । ପୂର୍ବାହ୍ନ ରଥଖଳାକୁ 'ଆଞ୍ଜମାଳ' ବିଜେ କରିଥିଲେ ଏବଂ ସେଠାରେ 'ରଥଚକା ଡେରା' ଯାଇଥିଲା । ଆଞ୍ଜମାଳ ପାଇ ଦିଅଁ ବିମାନକୁ ବିଜେ କରିଥିଲେ ଘ.୨.୩୫ମି. ରେ । ଅପରାହ୍ନ ଘ.୩.୩୫ମି. ଚନ୍ଦନ ଉପଲକ୍ଷେ ବିମାନ ଉଠିଥିଲା । ଏହି ସମୟରେ ବଡଦାଣ୍ଡରେ ଭକ୍ତ ସମାବେଶ ଲାଗି ରହିଥିଲା । ଶୋଭାଯାତ୍ରାରେ ପୁରୀ ସାହି ଯାତର ବିଭିନ୍ନ ପାରମ୍ପରିକ ମେଢ଼, କାହାଳୀ, ଘଣ୍ଟଛତା, ବୈଜୟନ୍ତୀ, କୀର୍ତ୍ତନମଣ୍ଡଳୀ ଏବଂ ପାରମ୍ପରିକ ଲୋକକଳା ଇତ୍ୟାଦି ଦଳମାନେ ସାମିଲ ହୋଇଥିଲେ । ମଣିବିମାନରେ ମଦନମୋହନଙ୍କ ସହ ଭୂଦେବୀ, ଶ୍ରୀଦେବୀ ଥିବାବେଳେ ଶୋଭାଯାତ୍ରାର ସମ୍ମୁଖ ଭାଗରେ ପାଲିଙ୍କିରେ ରାମକୃଷ୍ଣ ଏବଂ ସର୍ବଶେଷରେ ପଞ୍ଚମହାଦେବଙ୍କ ବିମାନମାନ ସାମିଲ ହେଇଥିଲେ । ଭଉଁରୀରେ ପ୍ରଭୁଙ୍କ ଦିନଚାପକୁ ଭକ୍ତବୃନ୍ଦ ଉପଭୋଗ କରିଥିଲେ । ଦିନଚାପ ପରେ 'ଚନ୍ଦନ କୁଣ୍ଡ'ରେ ଠାକୁରଙ୍କ ସ୍ନାନ ଶେଷ ହୋଇଥିଲା । ଏହାପରେ ଚନ୍ଦନ ଠାକୁରମାନଙ୍କୁ ପୋଛାପୋଛି ହୋଇ ବେଶ, ଫୁଲ, ଅଳଙ୍କାର ଲାଗି ଆଦି ନୀତି ସମ୍ପନ୍ନ ହୋଇଥାଏ । ତତ୍‌ପରେ ଚନ୍ଦନ ମଣ୍ଡପରେ ମାଣ୍ଡୁଅ ଭୋଗ, ତିନିପଟିଆ, ଚାରିପଟିଆ ଏବଂ କେଳି ଆଦି ଭୋଗ ଖାଇ ଠାକୁରମାନେ ଭଉଁରୀ ନୌବିହାରକୁ ବାହାରିଥିଲେ । ଏହାପରେ ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀର ଚାରିକୋଣ ଏବଂ ପୁଷ୍କରିଣୀ ମଧ୍ୟଭାଗସ୍ଥିତ 'ଦୀପଦାଣ୍ଡି' ଚାରିପାର୍ଶ୍ୱରେ 'ଭଉଁରୀ' ବୁଲିବା ଭଳି ଚାପ ଖେଳିଥିଲେ । ଏହି ଚାପକ୍ରୀଡା ଦୃଶ୍ୟ ଅତୀବ ଚିତ୍ତାକର୍ଷକ ଓ ମନୋମୁଗ୍ଧକର ଥିଲା ।



ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆମ୍ଭର ମହାପ୍ରଭୁ ହେଲେ ଭାବ, ଭକ୍ତି, ରାସ ଏବଂ ରଙ୍ଗର ଠାକୁର । ସେ ମଧ୍ୟ ଭଜନ ଏବଂ ଜଣାଣ ପ୍ରିୟ । ମହାପ୍ରଭୁଙ୍କ ଚିତ୍ତବିନୋଦନ ପାଇଁ ଅତୀତରେ ଏବଂ ବର୍ତ୍ତମାନ ମଧ୍ୟ ଅନେକ ଗାୟକ-ଗାୟିକା, କବି ଭକ୍ତି ସଙ୍ଗୀତମାନ ରଚନା କରିବା ସହିତ ଗାୟନ ମଧ୍ୟ କରିଆସୁଅଛନ୍ତି । ସେହି ପରିପ୍ରେକ୍ଷୀରେ ମହାପ୍ରଭୁଙ୍କ ପ୍ରତି କିଛି ଭକ୍ତିର ଅର୍ଘ୍ୟ ଅର୍ପଣ କରିବା ନିମନ୍ତେ 'ଶ୍ରୀମନ୍ଦିର ପ୍ରଶାସନ' ତରଫରୁ, ବିଗତ ୧୯୮୨ ମସିହାରୁ ପ୍ରତ୍ୟେକ ବର୍ଷ ନରେନ୍ଦ୍ର ପୁଷ୍କରିଣୀସ୍ଥିତ ଚକଡା ଠାରେ 'ପାରମ୍ପରିକ ଭକ୍ତି ସଂଗୀତ ସମାରୋହ' ଅନୁଷ୍ଠିତ କରାଯାଉଅଛି । ଏଥିରେ ରାଜ୍ୟ ତଥା ପୁରୀ ସହରର ପ୍ରତିଷ୍ଠିତ ସଙ୍ଗୀତ ଅନୁଷ୍ଠାନମାନେ ମହାପ୍ରଭୁଙ୍କ ଚନ୍ଦନ ଏବଂ ଚାପ ସମୟରେ କେବଳ ପାରମ୍ପରିକ ଓଡିଶୀ, ଛାନ୍ଦ, ଚମ୍ପୂ ଓ ପୁରାତନ ରଚନାରୁ ଭଜନ ଓ ଜଣାଣ ଗାୟନ କରିଥାନ୍ତି । ଗତ ବର୍ଷ ଅର୍ଥାତ୍ ୨୦୧୮ ମସିହା ଚନ୍ଦନ ଯାତ୍ରା ସମୟରେ ୧୪ ଦିନ ବ୍ୟାପୀ ପାରମ୍ପରିକ ଭକ୍ତି ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇ ଅତ୍ୟନ୍ତ ଜନାଦୃତ ହୋଇଥିଲା । କିନ୍ତୁ ଚଳିତ ବର୍ଷ ଚନ୍ଦନ ଯାତ୍ରାର ଅବ୍ୟବହିତ ପୂର୍ବରୁ ତା. ୩.୫.୧୯ରିଖ ଦିନ ସାମୁଦ୍ରିକ ବାତ୍ୟା 'ଫନୀ' ଯୋଗୁଁ ପୁରୀର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ସହରରେ କରେଣ୍ଟ ମଧ୍ୟ ନଥିଲା । କିନ୍ତୁ ପରମ୍ପରା ରକ୍ଷା ପାଇଁ ପୁରୀରେ କିଛି ବିଦ୍ୟୁତ୍ ସଂଯୋଗ ପରେ ଚନ୍ଦନ ଚକଡାକୁ ବିଦ୍ୟୁତ୍ ଆଲୋକ ଆସିବା ପରେ ଭଉଁରୀକୁ ଲଗାଇ ୪ ଦିନବ୍ୟାପୀ ପାରମ୍ପରିକ ଭକ୍ତି ସଂଗୀତ ସମାରୋହ ଶ୍ରୀମନ୍ଦିରସ୍ଥ 'ମାଜଣା ମଣ୍ଡପ'ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ଭକ୍ତମାନେ ପାରମ୍ପରିକ ସଂଗୀତ ଓ ନୃତ୍ୟ ସଂଦର୍ଶନ ତଥା ଶ୍ରବଣ କରି ବିମୋହିତ ହୋଇପଡିଥିଲେ ।



ଚନ୍ଦନ ଯାହାର ଏହି ଅନ୍ତିମ ପର୍ବ 'ଭଉଁରୀ'ରେ ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ପଦାଧିକାରୀ ତଥା ପ୍ରଶାସକ (ନୀତି) ଶ୍ରୀବିଶ୍ୱଜିତ୍ ବିଶ୍ୱାଳ, ପ୍ରଶାସକ(ଉନ୍ନୟନ) ଶ୍ରୀ ବିଶ୍ୱନାଥ ସାହୁ, ପ୍ରଶାସକ(ସୁରକ୍ଷା) ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ଉପ ପ୍ରଶାସକ (ରାଜସ୍ୱ) ଶ୍ରୀ ମଧୁସୂଦନ ଦାଶ, ଲୋକ ସଂପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ପୂଜାପଣ୍ଡା, ସୂଚନା ଅଧିକାରୀ ଶ୍ରୀ ସୁଦୀପ୍ କୁମାର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ଦିରର ସମସ୍ତ କର୍ମଚାରୀ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ସର୍ବୋପରି ସେବକ ତଥା ସେବକ ନିଯୋଗମାନଙ୍କର ନିଷ୍ଠା ଓ ପ୍ରତିବଦ୍ଧତା ଯୋଗୁଁ ଏହି ଦୀର୍ଘକାଳୀନ ଯାତ୍ରାଟି ଅତ୍ୟନ୍ତ ଶାନ୍ତି-ଶୃଙ୍ଖଳାର ସହ ସମ୍ପାଦନ ହୋଇପାରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର(ଆଇ.ଏ.ଏସ୍) ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଜନ୍ମ :

ତା.୧୭.୫.୧୯ରିଖ ଶୁକ୍ରବାର ଦିନ ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତଥା ଶ୍ରୀନୃସିଂହ ଜନ୍ମ ହେତୁ ଚନ୍ଦନ ଚକଡାରୁ ଠାକୁରମାନେ ଫେରିବା ପରେ



ମହାପ୍ରଭୁଙ୍କ ବାଡ଼ରୁ ଏକଗୋଟି ଆଜ୍ଞାମାଳ, ଘଣ୍ଟ, ଛତା, କାହାଳୀ ପଟୁଆରରେ ସିଂହଦ୍ୱାର ବାଟେ ଦୋଳମଣ୍ଡପ ସାହି ଦେଇ ଚକ୍ରତୀର୍ଥ ରୋଡସ୍ଥିତ ଚକ୍ରନାରାୟଣ ମନ୍ଦିରକୁ ବିଜେ ହୋଇଥିଲେ । ଏହାପରେ ମୈଲମ, ମହାସ୍ନାନ, ସର୍ବାଙ୍ଗ ହୋଇ ବେଶ ବଢ଼ିଥିଲା । ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଲା ପରେ ସଂଧ୍ୟା ଆଳତି ସମାପନ ହୋଇଥିଲା । ସଂଧ୍ୟାଧୂପ ସରି ପାଣି ପଡିଲାପରେ ଶ୍ରୀନୃସିଂହ ଦେବ ସିଂହାସନକୁ ଯାଇ ସେଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପକୁ ବିଜେ ହୋଇଥିଲେ । ମୁକ୍ତିମଣ୍ଡପ ପାର୍ଶ୍ୱରେ ଥିବା ନୃସିଂହଙ୍କୁ ପତିମହାପାତ୍ର, ମୁକ୍ତିମଣ୍ଡପରେ ବିଜେ ନୃସିଂହଙ୍କୁ ପୂଜାପଣ୍ଡା ରୀତିନୀତି ଅନୁଯାୟୀ ଜନ୍ମ ନୀତି ସମାପନ କରିଥିଲେ । ଏଠାରେ ମହାସ୍ନାନ, ଶୀତଳଭୋଗ, ବନ୍ଦାପନା ବଢ଼ିଲା ପରେ ଶ୍ରୀନୃସିଂହ ଦେବ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ ହୋଇଥିଲେ । ଘଣ୍ଟ, ଛତା, କାହାଳୀ ପଟୁଆରରେ ବିମାନ ଜଗନ୍ନାଥ ବଲ୍ଲଭ ଅଭିମୁଖେ ଯାତ୍ରା କଲାପରେ ଭିତରେ ଅନ୍ୟାନ୍ୟ ନୀତିମାନ ହୋଇଥିଲା ।

## ଶ୍ରୀମନ୍ଦିରରେ ଜଳକ୍ରୀଡା ଏକାଦଶୀ :

ତା. ୩୦.୫.୧୯ଗୁରୁବାର ଦିନ ଭିତର ଚନ୍ଦନ ଯାତ୍ରାର ଦୈନନ୍ଦିନ ନୀତି ପ୍ରକାରେ ଯାତଭୋଗ ସରିଲା ପରେ, ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପାଇ ରୋହିଣୀ କୁଣ୍ଡ ନିକଟସ୍ଥ ଜଳକ୍ରୀଡା ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଚନ୍ଦନ କୁଣ୍ଡରେ ବୁଡ଼ି, ମାଜଣା ହୋଇ ବେଶ ହେଲାପରେ ମେକାପ ସର ଘରୁ ଶୀତଳ ଭୋଗ ଆସିଥିଲା । ଭୋଗ ସରିଲାପରେ ବନ୍ଦାପନା ହୋଇ ଦିଅଁମାନେ ବାହୁଡା ବିଜେ କଲାପରେ ମଧାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା । ସ୍ମରଣଯୋଗ୍ୟ ଯେ ଯେପରି ବାହାର ଚନ୍ଦନ ଯାତ୍ରା ୨୧ଦିନ ଶ୍ରୀମନ୍ଦିରରେ ଯାତ ଭୋଗ ହୋଇଥାଏ, ଭିତର ଚନ୍ଦନ ଯାତ୍ରା ୨୧ ଦିନ ମଧ୍ୟରେ କେବଳ ୪ଦିନ ଯାତଭୋଗ ଅନୁଷ୍ଠିତ ହୋଇଥାଏ । ଯଥାକ୍ରମେ ଜଳକ୍ରୀଡା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରକ୍ମିଣୀହରଣ ଏକାଦଶୀ ଏବଂ ପ୍ରଥମ ୩ଗୋଟି ପର୍ବରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ ହେଉଥିବା ସ୍ଥଳେ ରକ୍ମିଣୀହରଣ ଏକାଦଶୀରେ ଶ୍ରୀଦୋଳଗୋବିନ୍ଦ ଜଳକ୍ରୀଡା ମଣ୍ଡପକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା :

ତା.୩.୬.୧୯ରିଖ ସୋମବାର ଦିନ ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାବିତ୍ରୀ ବ୍ରତ ପାଳିତ ହୋଇଛି । ଶ୍ରୀମନ୍ଦିର ଭିତର ବେଢ଼ାରେ ଶ୍ରୀଭୁବନେଶ୍ୱରୀ ଦେବୀଙ୍କ ମନ୍ଦିର ବିଦ୍ୟମାନ । ଏହି ମନ୍ଦିରଟି 'ପାଞ୍ଚଶକ୍ତି ମନ୍ଦିର' ଭାବେ ବିଖ୍ୟାତ । ଶ୍ରୀମନ୍ଦିର ସ୍ୱତ୍ୱଲିପିର ଉଲ୍ଲେଖ ପ୍ରକାରେ ଏହା ଭୁବନେଶ୍ୱରୀ, ସରସ୍ୱତୀ, ଷଷ୍ଠୀ, ସାବିତ୍ରୀ ଓ ଗାୟତ୍ରୀଙ୍କ ମନ୍ଦିର । ଏହି ମନ୍ଦିରର ବାହାର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର କୋଠରୀରେ ଷଷ୍ଠୀ ଦେବୀ, ସାବିତ୍ରୀ ଦେବୀ ଓ ଗାୟତ୍ରୀ ଦେବୀ ପୂଜା ପାଉଛନ୍ତି । ଏହି ଦିନ ବହୁ ସଂଖ୍ୟାରେ ସଧବା ସ୍ତ୍ରୀଲୋକମାନେ ସ୍ୱାମୀଙ୍କର ମଙ୍ଗଳ କାମନା କରି ସାବିତ୍ରୀ ବ୍ରତ ପାଳନ କରିବା ସହିତ ବିଭିନ୍ନ ପୂଜା ସାମଗ୍ରୀ ହାତରେ ଧରି ଧାଡି ବାନ୍ଧି ମା'ଙ୍କ ପାଖରେ ସ୍ୱାମୀ ତଥା ପରିବାର ବର୍ଗଙ୍କର ମଙ୍ଗଳ କାମନା କରିବା ନିମନ୍ତେ ପୂଜାର୍ଚ୍ଚନା କରିଥିଲେ । ପରମ୍ପରା ଅନୁଯାୟୀ ଏହି ଦିନ ପତିମହାପାତ୍ର ସେବକ ଦ୍ୱିପ୍ରହର ଯାଏ ଦେବୀ ସାବିତ୍ରୀଙ୍କୁ ପୂଜା କରିଥିଲେ । ତା' ପରେ ଏହି ମନ୍ଦିରର ପାଳିଆ ସେବକ ପୂଜା କରନ୍ତି । ଏହି ଦିନ ମଧ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର 'ଜଳକ୍ରୀଡା ଉତ୍ସବ' ପାଳିତ ହୋଇଥିଲା । ଏହି ଦିନ ଦିବା ଆଳଟ ଲାଗି ଓ ଚନ୍ଦନ ଲାଗି ବଢ଼ିବା ପରେ ବେଶ ସରି ପାଣି ପଡିବା ପରେ ଶ୍ରୀମଦନମୋହନ ଭିତରକୁ ବିଜେ କରିଥିଲେ । ପଞ୍ଚୋପଚାରର ବିଧିରେ ପୂଜା ମଣୋହି ବଢ଼ିଥିଲା। ଶ୍ରୀମଦନମୋହନ ଓ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ଠାରୁ 'ଆଜ୍ଞାମାଳ' ପାଇବା ପରେ ହାତରେ ବିଜେ ହୋଇ, ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବସି ଜଳକ୍ରୀଡା ମଣ୍ଡପକୁ ଯାଇଥିଲେ । ପୂର୍ବରୁ ଜଳକ୍ରୀଡା କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥିଲା । ଦେବ ଓ ଦେବୀ ପାଲିଙ୍କିରୁ ଓହ୍ଲାଇ ଜଳକୁଣ୍ଡରେ ବିଜେ କରିଥିଲେ । ଏଠାରେ ପ୍ରସାଦ ଲାଗି ବଢ଼ିଥିଲା । ଚନ୍ଦନ ପାଣି ପିଚକାରୀ ବଢ଼ିବା ପରେ ସର ଘରୁ ପଣାଭୋଗ ଓ ରାଘବଦାସ ମଠର ଶୀତଳ ଭୋଗ ଛାମୁରେ ବଢ଼ାଯିବା ପରେ 'ପଞ୍ଚୋପଚାର' ବିଧିରେ ମଣୋହି ବଢ଼ିଥିଲା । ଭୋଗ ପରେ ଠାକୁର ଠାକୁରାଣୀଙ୍କୁ ଜଳରୁ ଉଠାଇ ଶ୍ରୀଅଙ୍ଗ ପୋଛା ଯିବା ପରେ ମୈଲମ ହୋଇ ମାଳଫୁଲ ଲାଗି ଓ ବେଶ ବଢ଼ି ବନ୍ଦାପନା ହୋଇଥିଲା । ଭିତରେ ମହାପ୍ରଭୁଙ୍କ ନିକଟକୁ ଛେକ ଆସିବା ପରେ, ଜଳକ୍ରୀଡାରୁ ଫେରି ଲକ୍ଷ୍ମୀ ଠାକୁରାଣୀ ଶ୍ରୀଅଙ୍ଗ ଲାଗି ହୋଇଥିଲେ ଓ ଶ୍ରୀମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ଓ ଜଳକ୍ରୀଡା :

ତା. ୮.୬.୧୯ରିଖ ଶନିବାର ଦିନ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ (ଶୀତଳ ଷଷ୍ଠୀ) ଉପଲକ୍ଷେ ପୂର୍ବ ପରମ୍ପରା ପ୍ରକାରେ 'ଜଳକ୍ରୀଡା'ନୀତି ସରି ମଧାହ୍ନ ଧୂପ, ସଂଧ୍ୟା ଆଳତି, ସଂଧ୍ୟା ଧୂପ ବଢ଼ିଲା ପରେ ଦୋଳଗୋବିନ୍ଦ ସିଂହାସନକୁ ବିଜେ କରିଥିଲେ । ମହାପ୍ରଭୁଙ୍କ ବାଡରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୋଇଥିଲେ । ପରେ ଆଲଟ ଲାଗି, ଚନ୍ଦନ ଲାଗି, ବଡସିଂହାର ବେଶ, ଭୋଗ ସରି ପଞ୍ଚପାଣ୍ଡବଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ । ପଞ୍ଚପାଣ୍ଡବ ରଥ, ବୃଷଭ ଦ୍ୱାର ଜଗମୋହନରେ ବିଜେ ହୋଇଥିଲେ । ସେଠାରେ ଆଜ୍ଞାମାଳ ପାଇଲା ପରେ ପଞ୍ଚପାଣ୍ଡବ ଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନକୁ ବିଜେ କରିଥିଲେ ।



ପରେ ଦୋଳଗୋବିନ୍ଦ କାହାଳୀ,ଘଣ୍ଟ, ଛତା ପଟୁଆରରେ ସେଠାକୁ ବିଜେ ହୁଅନ୍ତେ ପାଣିପଡି ମେକାପ ସରଘରୁ ଶୀତଳଭୋଗ ଆସିଥିଲା । ଭିତରଛ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ପଞ୍ଚୋପଚାରରେ ୧୧ଟି ପନ୍ତିଭୋଗକୁ ମଣୋହି କରାଇଥିଲେ । ଏହା ସରିଲା ପରେ ବନ୍ଦାପନା ବଢ଼ି ଦକ୍ଷିଣଘରକୁ ବାହୁଡା ବିଜେ ହୋଇଥିଲେ ।

## ଶ୍ରୀମନ୍ଦିରରେ ରକ୍ମିଣୀହରଣ ଏକାଦଶୀ ଓ ବିବାହ ମହୋତ୍ସବ :

ତା.୧୩.୬.୧୯ରିଖ ଗୁରୁବାର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ସକାଳ ଧୂପ ପୂଜା ବସିଲା ପରେ ଦକ୍ଷିଣ ଘରେ ମଦନମୋହନ ବେଶ ହୋଇଥିଲେ । ଭୋଗ ସରିଲା ପରେ ମହାଲକ୍ଷ୍ମୀ (ଶ୍ରୀଦେବୀ) ଆଜ୍ଞାମାଳ ପାଇ ଲକ୍ଷ୍ମୀ ମନ୍ଦିର ଜଗମୋହନ ଖଟକୁ ବିଜେ ହୋଇ ସେଠାରେ ମହାସ୍ନାନ, ମାଜଣା, ବନକ ଲାଗି ଓ ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ଏହି ସମୟରେ ତଢ଼ାଉ କରଣ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ହୁଅନ୍ତେ ଭିତରଛ ମା'ଙ୍କ ହାତଛୁଆଁ କରି ତଢ଼ାଉଙ୍କୁ ଦେବାରେ ଲକ୍ଷ୍ମୀଙ୍କର ମନୋଭାବକୁ ଲିଖନ କରି ଜୟବିଜୟ



ଦ୍ୱାର ଠାରେ ବିଜେ ହୋଇଥିବା ମଦନମୋହନଙ୍କ ନିକଟକୁ ବିପ୍ରଙ୍କ ହସ୍ତରେ ଚିଟାଉ ପ୍ରେରଣ କରିଥିଲେ । ସେଠାରେ ପୂଜାପଣ୍ଡା, ପୁରାଣପଣ୍ଡା, ପାଳିଆଖୁଣ୍ଟିଆ ଉପସ୍ଥିତ ରହି ବଚନିକା ପାଠ କରି ମଦନମୋହନ ରଥରେ ବିଜେ ହୋଇ ବିମଳାଙ୍କ ମନ୍ଦିର ନିକଟରେ ଅପେକ୍ଷା କରିଥିଲେ । ମହାଲକ୍ଷ୍ମୀ, ଦାସୀମାନଙ୍କ ଗହଣରେ ଗ୍ରାମଦେବୀ ମା' (ବିମଳାଙ୍କ) ପୂଜା ପାଇଁ ଭିତରକୁ ବିଜେ କରି ସେଠାରେ ପୂଜାସାରି ଫେରିବା ବାଟରେ ମଦନମୋହନ ହରଣ କରିଥିଲେ । ବାଟରେ ଶିଶୁପାଳ ରାସ୍ତା ଅବରୋଧ କରୁଥିବାରୁ ତାକୁ ଯୁଦ୍ଧରେ ପରାସ୍ତ କରି ବାନ୍ଧି ଦେଇଥିଲେ ଓ ପରେ ପରେ ବଡଭାଇ ବଳରାମ ଆସି 'ଶିଶୁପାଳ'କୁ ବନ୍ଧନମୁକ୍ତ କରିଥିଲେ ଏବଂ ମହାଲକ୍ଷ୍ମୀ, ମଦନମୋହନ ବିବାହ ମଣ୍ଡପ (ମାଜଣାମଣ୍ଡପ)କୁ ବିଜେ କରିଥିଲେ । ପରେ ଅନ୍ୟାନ୍ୟ ନୀତି ହୋଇ ସଂଧ୍ୟଧୂପ ପୂଜା ବସିବା ମାତ୍ରେ ପତିମହାପାତ୍ର, ପୂଜାପଣ୍ଡା, ମୁଦିରସ୍ତ ଏବଂ ଭିତରଛ ଉପସ୍ଥିତ ରହି ସଂକଳ୍ପ ବାକ୍ୟ ପଠନ ପୂର୍ବକ ବିବାହ କାର୍ଯ୍ୟ ସମାପନ କରିବା ପରେ ଉଭୟ ବରକନ୍ୟା ସିଂହାସନକୁ ବିଜେ କରିଥିଲେ । ●

*ପୂର୍ବ ପ୍ରକାଶିତ ଉତ୍ତାରୁ...*

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## ଦ୍ୱାଦଶ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ : (୧୩) ଚ- ଭାଦ୍ରବ କୃଷ୍ଣ ଏକାଦଶୀ

### କାଳୀୟ ଦଳନ ବେଶ ଓ ଧେନୁକାସୁର ବଧ

ଏହି ଦିନ ମଧ୍ୟାହ୍ନ ଧୂପ ବେଶରେ ତିନିଖଣ୍ଡ ଆଜ୍ଞାମାଳ ଲାଗି ହୁଅନ୍ତି । ଧୂପ ସରି ଭିତରେ ପାଣି ପଡ଼ିଲେ ଓ ଦକ୍ଷିଣ ଘର ଭୋଗ ସରିଲେ ମଦନମୋହନ ଓ



କାଳୀୟଦଳନ ବେଶ

ରାମକୃଷ୍ଣ ଭିତର ସିଂହାସନକୁ ବିଜେ କରନ୍ତି । ପଣ୍ଡା ଆସି ତିନି ମୂର୍ତ୍ତିଙ୍କୁ ଆଜ୍ଞାମାଳ ଦେଲା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ନେଇ ବଟ ପାଶରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁମାନେ ଆସି ବଡ଼ ଦେଉଳକୁ ବେଢ଼ାଏ ବୁଲି ଲୋକନାଥଙ୍କ ରାସ୍ତାରେ ଥିବା ଲବଣୀଖିଆ ଠାକୁ ବିଜେ କରନ୍ତି । ବାଟରୁ ମହାଭୋଇଘର ବୋହୂମାନେ ବନ୍ଦାପନା କରି ପାଛୋଟି ନିଅନ୍ତି ଓ ସର ଲବଣୀ ଭୋଗ ହୁଏ । ପରେ ଶୀତଳ ଭୋଗ ବନ୍ଦାପନା ହୋଇ ମାର୍କଣ୍ଡଠାକୁ ବିଜେ କରାନ୍ତି । ସେଠାରେ ମାଟିମଣ୍ଡପ ସାହି ସାଉଟି ସୁବୁଧି କାଳୀକୃଷ୍ଣ ହୋଇଥିବ । ମାର୍କଣ୍ଡ ପୋଖରୀ ଦିପିଦାଣ୍ଡି ପାଖରେ ମଞ୍ଚା ଗୋଟିଏ ନିର୍ମିତ ହୋଇ ଏଠାରେ



କନାରେ ହୋଇଥିବା ସର୍ପ ଆଘାତ କଲାପରେ ଜଣେ ଗରୁଡ଼ ବେଶରେ ଆସି ଅମୃତ ଲଡ୍ଡୁ ଦେଇ ବିଷ ଝାଡ଼େ । ଏହାପରେ ଏଠାରେ କାଳୀୟଦଳନ ପ୍ରସ୍ତାବ ହୁଏ । (ଅର୍ଥାତ୍ କାଳିଦଳନ ଲୀଳା ହୁଏ) । ଶୀତଳ ଭୋଗ ବନ୍ଦାପନା ହୋଇ ବାହୁଡ଼ା ବିଜେ କରିଆସି ଜୟ ବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ହୋଇ ବନ୍ଦାପନା ବଢ଼ି ଦକ୍ଷିଣ ଘରକୁ ବିଜେ କରନ୍ତି । ପରେ ମହାପ୍ରଭୁଙ୍କ ବାଡ଼ରେ କାଳୀଦଳନ ବେଶ ହୁଏ । ବେଶ ବଢ଼ି ସନ୍ଧ୍ୟାଧୂପ ପାଣି ପଡ଼ିଲା ଉତ୍ତାରେ ଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ବଡ଼ ଅମୃତଲଡ୍ଡୁ ପାଳିଆ ଖୁଣ୍ଟିଆ ଠାରୁ ନେଇ ପୁଷ୍ପାଳକ ଶ୍ରୀବସ୍ତରେ ଲାଗି କରନ୍ତି । ତାପରେ ସନ୍ଧ୍ୟା ଧୂପହେବ । ଏ ବେଶରେ ଖଣ୍ଡେ ଆଜ୍ଞାମାଳ ଲାଗି ହୋଇଥାଆନ୍ତି ।

ସନ୍ଧ୍ୟା ଧୂପ ପରେ ଭିତରେ ଥିବା ପାଣି ହେବା ଉତ୍ତାରେ ଦକ୍ଷିଣଘରୁ ମଦନମୋହନ ଭିତରକୁ ବିଜେ ହୁଅନ୍ତି । ପଣ୍ଡା ଆଜ୍ଞାମାଳ ଦେବା ଉତ୍ତାରେ ମହାଜନ ହାତରେ ବିଜେ କରାଇନେଇ ଜଗମୋହନରେ ଥିବା ଖଟରେ ବିଜେ କରାଇବେ । ଏଠାରେ କୁଣ୍ଡାଇବେଣ୍ଟ ସାହିର ଲୋକେ 'ଧେନୁକାସୁର ବଧ' ପ୍ରସ୍ତାବ କରାନ୍ତି । (ଅର୍ଥାତ୍- ଧେନୁକାସୁର ବଧ ଲୀଳା ହୁଏ) । ଏହାପରେ ଭୋଗ ସରି ବନ୍ଦାପନା ହୋଇ ଠାକୁର ଦକ୍ଷିଣ ଘରକୁ ବିଜେ କରନ୍ତି ।

### (୧୩)- (ଛ) ଭାଦ୍ରବ କୃଷ୍ଣ ଦ୍ୱାଦଶୀ : ପ୍ରଳମ୍ବାସୁର ବଧ

ମଧ୍ୟାହ୍ନ ଧୂପ ପରେ ବଡ଼ବାଡ଼ରେ ପ୍ରଳମ୍ବାସୁରବଧ ବେଶ ହୁଏ । ସନ୍ଧ୍ୟାଧୂପ ପରେ ରାମକୃଷ୍ଣ ଦକ୍ଷିଣଘର ସିଂହାସନକୁ ବିଜେ ହୋଇ ପଣ୍ଡା ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ଜଗମୋହନରେ ଥିବା ଖଟ



ଉପରେ ବିଜେ କରାନ୍ତି । ଏଠାରେ ଦୋଳମଣ୍ଡପ ସାହି ଲୋକେ ପ୍ରଳମ୍ବାସୁରବଧ କରନ୍ତି । (ଅର୍ଥାତ୍ ପ୍ରଳମ୍ବାସୁର ବଧ ଲୀଳା ହୁଏ) । ଏ ବେଶରେ ଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ଦୁଇଗୋଟି ବଡ଼ କୋରା ଶ୍ରୀହସ୍ତରେ ଲାଗି ହୁଅନ୍ତି ।

### (୧୩)- (ଜ) ଭାଦ୍ରବ କୃଷ୍ଣ ତ୍ରୟୋଦଶୀ : କୃଷ୍ଣ ବଳରାମ ବେଶ

ଆଜକୁ ପ୍ରାୟ ପାଞ୍ଚ ବର୍ଷ ହେବ କଟକ ଜିଲ୍ଲା ଖର୍ଡ ସାହି ଜମିଦାର ଜଗନ୍ନାଥ ମିଶ୍ର ତାଙ୍କ ଖର୍ଚ୍ଚରେ ଏହି ଦିନ କୃଷ୍ଣ ବଳରାମ ବେଶ କରାନ୍ତି । ଏଦିନ ସନ୍ଧ୍ୟା



କୃଷ୍ଣବଳରାମ ବେଶ

ଧୂପ ପରେ ଭିତରେ ପାଣି ପଡ଼ିବା ଉତ୍ତାରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇ ମହାଜନ ହାତରେ ଜଗମୋହନ ଖଟରେ ବିଜେ କରିବେ । ଗୌଡ଼ବାଡ଼ ସାହିର ଲୋକେ ଅନ୍ନପ୍ରଥା ପ୍ରସ୍ତାବ କରନ୍ତି । ଏହାପରେ ଶୀତଳଭୋଗ ହୋଇ ବନ୍ଦାପନା ସରି ଦକ୍ଷିଣଘରକୁ ବିଜେ କରନ୍ତି ।

*ଜାଣିବା କଥା ...*

## ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର- ଶ୍ରୀମନ୍ଦିର ପରମ୍ପରାରେ 'ଆଡ଼ପ ଅବଢ଼ା' କହିଲେ କ'ଣ ବୁଝାଏ ?

ଉ - ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିରରେ ଯେଉଁ ଅନ୍ନ ରନ୍ଧା ହୋଇ ଶ୍ରୀବିଗ୍ରହମାନଙ୍କୁ ଭୋଗ ଲାଗି ହୁଏ । ଶ୍ରୀଗୁଣ୍ଡିଚା ମନ୍ଦିରରେ ଭୋଗ କରାଯାଉଥିବା ଅବଢ଼ାକୁ 'ଆଡ଼ପ ଅବଢ଼ା' କୁହାଯାଏ ।

୨. ପ୍ର - ଆର୍ତ୍ତନାଶନର ଅର୍ଥ କ'ଣ ?

ଉ - ଦୁଃଖ କଷ୍ଟ ନାଶନ କର୍ତ୍ତା ଆର୍ତ୍ତତ୍ରାଣ 'ଭଗବାନ ବିଷ୍ଣୁ' ଶ୍ରୀଜଗନ୍ନାଥଙ୍କୁ 'ଆର୍ତ୍ତନାଶନ' ବୋଲି ବହୁ କବି ଓ ଭକ୍ତ ସମ୍ବୋଧନ କରିଥାନ୍ତି ।

୩. ପ୍ର - ଶ୍ରୀମନ୍ଦିରରେ 'ଆଦ୍ୟ ସେବକ'ଙ୍କ ଭୂମିକା କ'ଣ ?

ଉ - ଆଦ୍ୟ ସେବକ ଅର୍ଥ- ପ୍ରଥମ ସେବକ । ଗଜପତି ମହାରାଜା ଶ୍ରୀମନ୍ଦିରର ଆଦ୍ୟ ସେବକ ଅଟନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବିଭିନ୍ନ ସେବା ଲାଗି 'ବିଭିନ୍ନ ନିଯୋଗ'ର ବ୍ୟବସ୍ଥା କରାଯାଇଛି ।

୪. ପ୍ର - ଶ୍ରୀମନ୍ଦିରରେ 'ଆଦ୍ୟାଶକ୍ତି' କହିଲେ କାହାକୁ ବୁଝାଏ ?

ଉ - ଶ୍ରୀମନ୍ଦିରରେ ପୂଜିତ ଦେବୀ ସୁଭଦ୍ରା ହିଁ ଏହି ଆଦ୍ୟାଶକ୍ତି । ଶ୍ରୀମନ୍ଦିରରେ ରତ୍ନ ସିଂହାସନରେ ବିରାଜିତା ଦେବୀ ସୁଭଦ୍ରା ଶ୍ରୀଜଗନ୍ନାଥଙ୍କ ଚିନ୍ତନରେ ଏକ ସଂଯୋଗକାରିଣୀ ଶକ୍ତି । ସେ ଲକ୍ଷ୍ମୀ ଭାବେ ବିରାଜିତା ।

୫. ପ୍ର - ଶ୍ରୀମନ୍ଦିରରେ 'ଆଦିକନ୍ଦ' କହିଲେ କ'ଣ ବୁଝାଏ ?

ଉ - ସୃଷ୍ଟିର ଯିଏ ଆରମ୍ଭ ଓ ମୂଳ, ସେ ହିଁ ଆଦିକନ୍ଦ । ଅର୍ଥାତ୍ ପ୍ରଭୁ ଶ୍ରୀଜଗନ୍ନାଥ ।

୬. ପ୍ର - ଶ୍ରୀମନ୍ଦିରରେ 'ଆନନ୍ଦ ବଜାର'ର ଆବଶ୍ୟକତା କ'ଣ ?

ଉ - ପୁରୀ ଶ୍ରୀମନ୍ଦିର ଐଶାନ କୋଣରେ ଅବସ୍ଥିତ ଶ୍ରୀମହାପ୍ରସାଦ ବିକ୍ରୟ ସ୍ଥାନ । ପୂର୍ବେ ଏହା 'କୈବଲ୍ୟ ହାଟ' ନାମରେ ପରିଚିତ ଥିଲା ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

*ଯୁଗେ ଯୁଗେ ରଥଯାତ୍ରା .....*

# ୧୯୧୨ ମସିହା ପୁରୀ ରଥଯାତ୍ରା

## (ଭାଗ-୪୭-ସଂଖ୍ୟା ୨୯ - ତା. ୨୦ ରିଖ, ଜୁଲାଇ)

ଗତ ତା.୧୨ରିଖ ଦ୍ୱାଦଶ ଦିନ ଶ୍ରୀଜୀଉଙ୍କର ରାଜପ୍ରସାଦ ବାହାରି ପ୍ରଥମେ ରାଜବାଟୀ ପରେ ଅନ୍ୟାନ୍ୟ ସ୍ଥାନରେ ବିତରିତ ହୋଇଥିଲା । ତା୧୪ରିଖ ରବିବାର ରାତ୍ର ତାଟି ଫିଟି ନବଯୌବନ ଦର୍ଶନ କଥା ଥିଲା, କିନ୍ତୁ ଅତିରିକ୍ତ ଯାତ୍ରି ସଂଖ୍ୟା ଓ ଅନ୍ୟାନ୍ୟ ନୂତନ କଳେବର ସମୟରେ ଉକ୍ତ ଦର୍ଶକ ହୋଇ ନଥିବା ବିବେଚନାରେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ଆଦେଶ ମତେ ନବଯୌବନ ଦର୍ଶନ ବନ୍ଦ ହେଲା ତା.୧୫ରିଖ ସୋମବାର ଉଭାଯାତ୍ରା ନେତ୍ରୋତ୍ସବାଦି ବିଧି ପରେ ସହକାଳ ଧୂପ ଶେଷ ହୋଇ ରଥମାନଙ୍କୁ ଆଜ୍ଞାମାଳ ଆସିଥିଲା ।

ଯଥା ସମୟରେ ରଥ ନିର୍ମାଣ ପରେ ରବିବାର ସୁଦ୍ଧା ତିନିରଥ ଚିତ୍ର, ମଣ୍ଡନାଦି ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା ପ୍ରତିବର୍ଷ ରଥ ନୂଆ ହେଉଥିଲେ ହେଁ ସାରଥୀ ପ୍ରଭୃତି ମୂର୍ତ୍ତି ପ୍ରତିବର୍ଷ ନୂଆ ତିଆରି ନ ହୋଇ କେବଳ ମଖିମଚ ଓ ଚିତ୍ରିତ ହୁଅନ୍ତି । ପ୍ରଭୁଙ୍କ ଶ୍ରୀଅଙ୍ଗ ପରିବର୍ତ୍ତନ ସଙ୍ଗେ ରଥର ସମସ୍ତ ଉପକରଣ ନୂଆ ଗଢ଼ା ହେବା ବିଧି ହେତୁ ସାରଥୀ, ଘୋଡ଼ା ପାର୍ଶ୍ୱ ଦେବତା ଏବଂ ଝରା, ଫରୁଆ ସମସ୍ତ ନୂତନ ହୋଇଥିଲା । କୌଣସି ପୁରାତନ ଉପକରଣ ବ୍ୟବହୃତ ହୋଇନାହିଁ ରଥ ତ୍ରୟର ଦଧିନଉତି ଉପରେ ପିତଳ କଳଶ ପରିବର୍ତ୍ତେ ସୁବର୍ଣ୍ଣ କଳଶ ସ୍ଥାପନ ଏ ବର୍ଷ ରଥ ସଜ୍ଜାର ପ୍ରଧାନ ବିଶେଷତ୍ୱ ଅଟେ ।

କେତେକ ବର୍ଷ ହେଲା ରଥ ଚାରିପାଖରେ ନାନା ମୂର୍ତ୍ତି ଚିତ୍ରିତ ପରଦାବାଡ଼ ଦିଆ ଯାଉଥିଲା । ସମ୍ଭବତଃ ତଦ୍ୱାରା ସମ୍ମୁଖ ଭାଗ ଛଡ଼ା ଅନ୍ୟାନ୍ୟ ପାଖ ବନ୍ଦ ହେବାରୁ ଲୋକଙ୍କର ଦର୍ଶନରେ ଅସୁବିଧା ହେବାରେ ପୂର୍ବ ପ୍ରଚଳିତ ପ୍ରଥା ମତେ ଏ ବର୍ଷ ଲୁଗା ଘେରା ହୋଇଥିଲା । ଉପରୋକ୍ତ ଦିନ ଅପରାହ୍ଣ ଘ୩୍ୟଣ୍ଟା ସମୟରେ ପୁଲୀସ ପ୍ରଭୃତି ମୁତଏନ ଥାଇ ରଥଟଣା ଆରମ୍ଭ ହେଲା । ପ୍ରାୟ ଘ୫୍ୟଣ୍ଟା ଠାରେ ତିନି ରଥ ସିଂହଦ୍ୱାରରେ ଲାଗିଲେ ।



ପରଦିନ ତା୧୬ରିଖ ମଙ୍ଗଳବାର ଶ୍ରୀଗୁଣ୍ଡିଚ୍ଚା ଏ ଦିନ ରଥ ପ୍ରତିଷ୍ଠା ଓ ଶ୍ରୀଜୀଉଙ୍କ ଖେଚଡ଼ୀ ଭୋଗ ହୋଇ ଘ୧୦୍ୟଣ୍ଟା ପରେ ପହଣ୍ଡି ବିଜୟ ଆରମ୍ଭ ହେଲା ଏବଂ ମଧ୍ୟାହ୍ନ ଘ୧ଣ୍ଟା ସମୟେ ଠାକୁରମାନେ ରଥାରୂଢ଼ ହେଲେ । ସାରଥୀ, ଘୋଡ଼ା ସ୍ଥାପିତ ହୋଇ ଚାର ଫିଟି ଦଉଡ଼ି ଲାଗିବାରେ କିଛି ସମୟ ଅତୀତ ହେବାପରେ ଯଥାକ୍ରମେ ତିନି ରଥ ଟଣା ଆରମ୍ଭ ହେଲା ସ୍ଥାନୀୟ ଓ ବିଦେଶୀୟ ପୁଲୀସ ସକାଳୁ ରଥ ଚାରିପାଖେ ଶାନ୍ତିରକ୍ଷାର୍ଥେ ନିଯୁକ୍ତଥିଲେ । ରଥଟଣା ସମୟ ବନ୍ଧୁକଧାରୀ ସୈନିକ ପୁଲୀସ ରଥ ଦୁଇପାଖରେ ରହିବା ଦୃଶ୍ୟ ନୂତନ ଥିଲା । ସନ୍ଧ୍ୟା ପୂର୍ବରୁ ଶ୍ରୀବଳଭଦ୍ର ଜୀଉ ଓ ସୁଭଦ୍ରା ଦେବୀଙ୍କ ରଥ ଗୁଣ୍ଡିଚ୍ଚା ମନ୍ଦିରରେ ଉପସ୍ଥିତ ହୋଇଥିଲେ । କିନ୍ତୁ ଜଗନ୍ନାଥ ଦେବଙ୍କ ରଥ ସନ୍ଧ୍ୟା ହୋଇଯିବାରୁ ଦୁଇ ଦଉଡ଼ୀ ମାତ୍ର ବ୍ୟବଧାନରେ ରହିଗଲେ । ପରଦିନ ତା୧୭ରିଖ ବୁଧବାର ଅପରାହ୍ଣରେ ଶ୍ରୀଜଗନ୍ନାଥ ଦେବଙ୍କ ରଥ ଗୁଣ୍ଡିଚ୍ଚା ମନ୍ଦିରରେ ପହୁଞ୍ଚିଲେ । ଦି୪/୫ନ ପୂର୍ବରୁ ସ୍ପେଶାଲ ଟ୍ରେନ ଦିନରାତ୍ରି ବହୁବାର ଆସିଥିଲା ଏବଂ ଯାତ୍ରୀ ସ୍ରୋତ ପରି ବହି ଆସିଥିଲେ । ଅନେକ ଯାତ୍ରୀ ଚାଲି ଆସିଥିଲେ । କଟକଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ସ୍ଥାନେ ୨ ପୁଲୀସ ରହି ଯାତ୍ରିମାନଙ୍କ ସୁବିଧା ପ୍ରତି ସବିଶେଷ ଦୃଷ୍ଟି ରଖିଥିଲେ । ଚଟିବାଲାମାନେ ପୂର୍ବରୁ ଖାଦ୍ୟଦ୍ରବ୍ୟାଦି ଯଥେଷ୍ଟ ସଂଗ୍ରହ କରି ରଖିଥିଲେ । ରାସ୍ତାରେ କାହାର କିଛି ଅନିଷ୍ଟ ହେଇ ନାହିଁ । ପହଣ୍ଡି ଓ ରଥଟଣା ସମୟ ସିଂହଦ୍ୱାରରୁ ଗୁଣ୍ଡିଚ୍ଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା, କୋଠା ଛାତ ଜନାକୀର୍ଣ୍ଣ ହୋଇଥିଲା । ଅକାଳ ଯୋଗୁଁ ବଙ୍ଗାଳି ଯାତ୍ରି ସଂଖ୍ୟା ୧୫/୨୦ ହଜାରରୁ ଅଧିକ ନଥିଲା । ସର୍ବସୁଦ୍ଧା ଦୁଇ ଲକ୍ଷ ଯାତ୍ରୀ ହୋଇଥିବାର ଅନୁମାନ କରାଯାଏ । ସମାଗତ ଯାତ୍ରିମାନଙ୍କ ମଧ୍ୟରେ ଅଧିକାଂଶ ଗରିବ ଅବସ୍ଥାପନ୍ନ ଯାତ୍ରୀ ବିରଳ ଥିଲେ । ଅଧିକାଂଶ ପଶ୍ଚିମା ଯାତ୍ରୀ ଥିଲେ ।

ସ୍ଥାୟୀ ଏବଂ ଠିକା ପାଶ୍ ଘର ପୂର୍ଣ୍ଣ ହୋଇ ଯାଇଥିଲା । ବଙ୍ଗାଳି ଯାତ୍ରୀ ନିଜେ ୨ ଭଡ଼ା ଦେଇ ରହନ୍ତି କିନ୍ତୁ ପଶ୍ଚିମାମାନେ ପଣ୍ଡା ପ୍ରଦତ୍ତ ଘରେ ରହନ୍ତି । ଘରଭଡ଼ା ଓ ଖୋରାକି ସେମାନଙ୍କୁ କିଛି ଦେବାକୁ ପଡ଼େ ନାହିଁ । ପଶ୍ଚିମାଯାତ୍ରି ପଣ୍ଡାମାନେ ଏହି କାରଣରୁ ତୋଟା, ବଗିଚ୍ଚାମାନଙ୍କରେ ଅସ୍ଥାୟି ଚାଳଘର ପ୍ରସ୍ତୁତ କରି ରଖିଥିଲେ ଯେ ସେ ସବୁ ପରିପୂର୍ଣ୍ଣ ହୋଇ ଯାଇଥିଲା । ସରକାର ତରଫରୁ ବଳଗଣ୍ଡି ଓ ତାଳବଣିଆରେ ଅନେକ ଚାଳଘର ତିଆରି ହୋଇଥିଲା । ସେଥି ମଧ୍ୟରୁ ପ୍ରଥମୋକ୍ତ ଘରମାନ ଜଣେ ପ୍ରଧାନ ପଣ୍ଡା ନିଲାମରେ ନେଇଥିଲେ ତାଳବଣିଆ ଘର କେହି ନ ନେବାରୁ ସରକାର ଜଣ ପ୍ରତି ଏକ ଟଙ୍କା ଭଡ଼ାରେ ଯାତ୍ରୀ ରଖିଥିଲେ । ସାଧାରଣ ଘରଭଡ଼ା ପ୍ରତ୍ୟେକ ଯାତ୍ରି ସକାଶେ ଦୁଇ ଟଙ୍କାରୁ ଦଶ ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ଗରିବ ଯାତ୍ରିମାନେ ଭଡ଼ା ଦେଇ ନପାରି ଗଛମୂଳ ଓ ସଡ଼କ ଧାରରେ ପଡ଼ି ରହିଥିଲେ ଏବଂ କେତେକ ଯାତ୍ରୀ ଅଳ୍ପ ଭଡ଼ାରେ ଖଣ୍ଡିଆବନ୍ଧ ଓ ମାଳତୀପାଟପୁର ପ୍ରଭୃତି ନିକଟବର୍ତ୍ତୀ ମଫସଲ ମାନଙ୍କରେ ରହିଥିଲେ ।

ଶ୍ରୀଗୁଣ୍ଡିଚ୍ଚା ଦିନ ସକାଳେ ବର୍ଷା ହୋଇଥିଲା ମାତ୍ର ଦଶ ଘଣ୍ଟା ପରେ ମେଘ ଛାଡ଼ି ଯିବାରୁ ଯାତ୍ରିମାନେ ଆନନ୍ଦରେ ପହଣ୍ଡି ଦର୍ଶନ କରି ରଥଟଣାରେ ଯୋଗ ଦେଇଥିଲେ । ବୁଧବାର ରାତ୍ରରୁ ପୁଣି ଲଗାଣ ବର୍ଷା ଆରମ୍ଭ ହୋଇଅଛି ।

ଅତ୍ୟନ୍ତ ଆନନ୍ଦର ବିଷୟ ଯେ କର୍ତ୍ତୃପକ୍ଷଙ୍କ ପ୍ରଗାଢ଼ ଯତ୍ନରେ ଯାତ୍ରିମାନେ ବିଶୁଦ୍ଧ ଖାଦ୍ୟ ଓ ପାନୀୟ ଜଳ ବ୍ୟବହାର କରିବା ଏବଂ ଗଳି୨ ମେହେନ୍ତର ନିଯୁକ୍ତ ହୋଇ ସମସ୍ତ ଦିନ ରାସ୍ତା ପରିଷ୍କାର କରୁଥିବା ଇତ୍ୟାଦି କାରଣମାନଙ୍କରୁ ଏତେ ବଡ଼ ଯାତ୍ରାର ସ୍ୱାସ୍ଥ୍ୟ ଅକ୍ଷୁର୍ଣ୍ଣ ଥିଲା । କୌଣସି ପୀଡ଼ାର ପ୍ରାଦୁର୍ଭାବ ନଥିଲା । ଏଥି ସକାଶେ କର୍ମବୀର ଲୋକପ୍ରିୟ ହିନ୍ଦୁ ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ରମାବଲ୍ଲଭ ମିଶ୍ର ଓ ସିଭିଲ ସର୍ଜନ ମି. ପୁଲିପାକା ଏବଂ ମିଉନିସିପାଲିଟି କର୍ମଚାରୀ ବୃନ୍ଦ ଧନ୍ୟବାଦର ପାତ୍ର ଅଟନ୍ତି । ଦୁଃଖର ବିଷୟ ଯେ ଏକଜଣ ଭିତରେ ମରା ପଡ଼ିବାର କଥିତ ହୁଏ। ●

# ଶିଶୁ ମଠ ଓ ଅନନ୍ତ ଦାସ

ଶିଶୁ ଅନନ୍ତ ଦାସ ଭୁବନେଶ୍ୱର ନିକଟବର୍ତ୍ତୀ ବାଲିପାଟଣା ଗ୍ରାମରେ ୧୪୮୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ପଞ୍ଚସଖା ସାଧକମାନଙ୍କ ମଧ୍ୟରୁ ଅନ୍ୟତମ ଶିଶୁ ଅନନ୍ତ କୋଣାର୍କର ସୂର୍ଯ୍ୟଦେବଙ୍କ ଆଦେଶରେ ପୁରୀ ଆଗମନ କରି ଚୈତନ୍ୟ ତଥା ଜଗନ୍ନାଥ ଦାସଙ୍କ ସହ ମିଳିତ ହୋଇଥିଲେ ।

ସାଧକ ଅନନ୍ତ ଦାସଙ୍କ ଶିଶୁ ଉପାଧି ଧାରଣ ପଛରେ ଏକ ଅଲୌକିକ କଥା ରହିଛି । ଏକଦା ନୀଳାଚଳ ନାଥ ଶ୍ରୀଜଗନ୍ନାଥ ଲକ୍ଷ୍ମୀଙ୍କ ସହିତ ଏକତ୍ର କ୍ରୀଡା କରୁଥିବା ସମୟରେ ଅନନ୍ତ ସେଠାରେ ପହଞ୍ଚିଲେ । ହଠାତ୍ ସେ ଶିଶୁପୁତ୍ର ଭାବରେ ଶ୍ରୀଜଗନ୍ନାଥଙ୍କ କୋଳ ମଣ୍ଡନ କରିବାକୁ ଇଛାକଲେ । ଭକ୍ତର ଭଗବାନ ଏକଥା ଜାଣିପାରି ମାୟା ରଚାଇ ଦ୍ୱାରକା ଲୀଳାର ଅଭିନୟ କଲେ । ଅନନ୍ତ ପ୍ରଭୁ ତଥା ଲକ୍ଷ୍ମୀଙ୍କ ଆଗରେ ୨ବର୍ଷର ଶିଶୁପୁତ୍ର ହୋଇଯାଇ କ୍ରନ୍ଦନ କରିବାକୁ ଲାଗିଲେ। କ୍ରନ୍ଦନ କରି ଗଡିଯିବାରୁ ଧୂଳିଧୂସରିତ ହୋଇଗଲେ । ମହାପ୍ରଭୁ ଶିଶୁ ପୁତ୍ରର ଏ ଦଶା ଦେଖି ତାଙ୍କୁ କୋଳକୁ ନେଇ ଧୂଳିଝାଡି ଆଲିଙ୍ଗନ କଲେ । ଲକ୍ଷ୍ମୀ ତାଙ୍କୁ କାନ୍ଧରେ ଧରି ସ୍ନେହର ସ୍ତନ୍ୟପାନ କରାଇଲେ ।



ଶ୍ରୀଜଗନ୍ନାଥ ଭକ୍ତର ମନବାଞ୍ଛା ପୂରଣ ପାଇଁ କିଛି ସମୟ ମାୟା ରଚିବା ପରେ ମାୟା କାଟିଦେଲେ । ଅନନ୍ତ ନିଜ ରୂପରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ଶ୍ରୀଅଙ୍ଗ ବାଳକ ସ୍ୱଭାବରେ ସ୍ପର୍ଶ କରିଥିବାରୁ ମାତା ଓ ପ୍ରଭୁଙ୍କୁ କ୍ଷମା ମାଗିଲେ । ମହାପ୍ରଭୁ ଆଶୀର୍ବାଦ କରି କହିଲେ ଶିଶୁ ଭାବରେ ମୋତେ ପାଇଥିବାରୁ ତୁ ଆଜିଠାରୁ ଶିଶୁ ଅନନ୍ତ ହେଲୁ । ସେହିଦିନ ଠାରୁ ତାଙ୍କ ସଂପ୍ରଦାୟର ନାମ ମଧ୍ୟ 'ଶିଶୁ ସଂପ୍ରଦାୟ' ହେଲା । ତାଙ୍କ ଦୃଷ୍ଟିରେ ଶ୍ରୀକ୍ଷେତ୍ର ହିଁ ବୃନ୍ଦାବନ ଅଟେ । ଶିଶୁ ଅନନ୍ତଙ୍କ କଳ୍ପନାରେ ରାଧା ଓ କୃଷ୍ଣ ଜୀବ ଓ ପରମ ଏକକ ଭାବେ ଶ୍ରୀଜଗନ୍ନାଥ ଅଟନ୍ତି । ସିଂହାସନ ରତ୍ନବେଦୀ ଚାରିପାଖ ଯମୁନା, ବଡଦେଉଳ, କଳ୍ପଦ୍ରୁମ, ଚିନ୍ତାମଣି ତରୁ, ବଳଭଦ୍ର ହେଉଛନ୍ତି ଚନ୍ଦ୍ରାବଳୀ, ନୀଳଚକ୍ର ହେଉଛନ୍ତି ଶେଷଦେବଙ୍କ ମଧ୍ୟଫଣୀ । ମନ୍ଦିରର ଅଷ୍ଟଦଳ ପଦ୍ମ ଅଷ୍ଟସଖୀ ଯିଏ ମହାରାହାସ କରନ୍ତି । ମନ୍ଦିର ବଟ ପଶ୍ଚିମ ପାଖ ଶ୍ୱେତ ବୈକୁଣ୍ଠ, ଉତ୍ତରକୋଣ ଧେନୁ ମଣ୍ଡଳ, ଦକ୍ଷିଣ ପାର୍ଶ୍ୱ ବ୍ରହ୍ମଲୋକ । ରାମଚଣ୍ଡୀ ଲଳିତା, ମଙ୍ଗଳା ବୃନ୍ଦାବତୀ ଅଟନ୍ତି । ଚାର ଗଣେଶ ରଙ୍ଗଦେବୀ, ବଡଦାଣ୍ଡ ବୈକୁଣ୍ଠ, ଗୁଣ୍ଡିଚା ଘର-ମଥୁରାପୁରୀ, ସେଠାର ନୃସିଂହ-ବାସୁଦେବ । ବାଇଶି ପାହାଚ ସହସ୍ର ଫଣା ସହସ୍ର ଦଳ କମଳ ।

ଶିଶୁ ଅନନ୍ତ ଶ୍ରୀକ୍ଷେତ୍ରଠାରେ ଶ୍ରୀଜଗନ୍ନାଥଙ୍କୁ ସଂପୂର୍ଣ୍ଣ ଭାବେ ସମର୍ପିତ ରହି ଶିଶୁ ମଠ ସ୍ଥାପନ କରିଥିଲେ ହେଁ ଚୈତନ୍ୟଙ୍କ ମୃତ୍ୟୁ ପରେ ଜଗନ୍ନାଥ ଦାସ ଏକାନ୍ତ ବାସରେ ସାଧନା ପାଇଁ ସାତଲହଡି ମଠ ଚାଲିଯିବାରୁ, ସେ ମଧ୍ୟ ଖଣ୍ଡଗିରି ଯାଇ ସିଦ୍ଧ ତପୋବନ ଠାରେ ସାଧନାରତ ରହିଥିଲେ ।

*ସୁନୀଲ ରଥ*

● *ଅବସରପ୍ରାପ୍ତ ରିଡର- ଉପର ନୂଆ ସାହି, ପୁରୀ*

# ଫଟୋରେ ସଂବାଦ...



ତା. ୧୫.୦୫.୧୯ରେ ନେପାଳର କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ରମେଶ କୁମାର ଉପ୍ରେତି ସସ୍ତ୍ରୀକ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୧.୦୬.୧୯ରେ ଓଡ଼ିଶା ବିଧାନ ସଭାର ନବନିଯୁକ୍ତ ବାଚସ୍ପତି ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୨୮.୦୫.୧୯ରେ ନୂତନ ମନ୍ତ୍ରୀମଣ୍ଡଳ ଗଠନ ପୂର୍ବରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୮.୦୬.୧୯ରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି





ତା. ୩୦.୦୫.୧୯ରେ ଓଡ଼ିଶାର ନୂତନ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ ଶ୍ରୀମନ୍ଦିରରୁ ଶ୍ରୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୨୯.୦୫.୧୯ରେ ଓଡ଼ିଶାର ମାନ୍ୟବର ପଞ୍ଚାୟତରାଜ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି

# ଫଟୋରେ ଅନ୍ୟାନ୍ୟ...



ତା. ୧୮.୦୫.୧୯ରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ମହାବାତ୍ୟା (ଫନି)ରେ ହୋଇଥିବା ଶ୍ରୀମନ୍ଦିରର କ୍ଷୟକ୍ଷତି ଆକଳନ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ବିଶ୍ୱଜିତ୍ ସାହୁଙ୍କ ଗହଣରେ ଶ୍ରୀମନ୍ଦିରକୁ ଆଗମନ କରୁଛନ୍ତି



ତା. ୨୨.୦୫.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାବାତ୍ୟା (ଫନି) ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ସି.ଟି. ପବ୍ଲିକ୍ ସ୍କୁଲର ଅଧକ୍ଷା ଶ୍ରୀମତୀ ମୀନପ୍ରଭା ରଥ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ବିଶ୍ୱଜିତ୍ ବିଶ୍ୱାଳଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ନିମନ୍ତେ 'ଚେକ୍ ପ୍ରଦାନ' କରୁଛନ୍ତି



ତା. ୨୧.୦୫.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ 'ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ'



ତା. ୨୨.୦୫.୧୯ରେ ମହାପ୍ରଭୁଙ୍କ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ରଥଖଳା ଠାରେ ପ୍ରସ୍ତୁତ ରଥ ଚକର 'ତୁମ୍ବରେ ବିନ୍ଧ' କରାଯାଉଅଛି



ତା. ୨୧.୦୫.୧୯ରେ ମହାପ୍ରଭୁଙ୍କ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ରଥଖଳା ଠାରେ ରଥ ଚକର 'ସିଙ୍ଗଡ଼ା ବାଡ଼ିଆ' ଅନୁକୂଳ ହେଉଛି




ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ନରେନ୍ଦ୍ର ଚକଡ଼ା ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ 'ପାରମ୍ପରିକ ଭଜନ' ପରିବେଷଣ କରାଯାଉଅଛି

# ଫଟୋରେ ଅନ୍ୟାନ୍ୟ...



ତା. ୨୭.୦୫.୧୯ରେ ମହାପ୍ରଭୁଙ୍କ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ରଥଖଳା ଠାରେ ରଥ ଚକରେ 'ପଇ ବିନ୍ଧା' ଯାଉଛି



ତା. ୧୧.୦୬.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ'




ତା. ୨୯.୦୫.୧୯ରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷ ଠାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (R.D.C.) ଙ୍କ ଅଧ୍ୟକ୍ଷତାରେ ଆହୂତ 'ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ'




ତା. ୧୩.୦୬.୧୯ରେ ମାନ୍ୟବର ରାଜ୍ୟ ଆଇନ୍ ଓ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଆହୂତ 'ରଥଯାତ୍ରାର ତୃତୀୟ ସମନ୍ୱୟ ବୈଠକ'



ତା. ୪.୦୬.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆହୂତ 'ନୀତି ସବ୍ କମିଟି ବୈଠକ'



ତା. ୧୩.୦୬.୧୯ରେ ରଥଯାତ୍ରା 'ତୃତୀୟ ସମନ୍ୱୟ ବୈଠକ' ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ରାଜ୍ୟ ଆଇନ୍ ଓ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ରଥ ନିର୍ମାଣ ନିମନ୍ତେ ଫାସି କାଠ ଦାନ କରିଥିବା ନୟାଗଡ଼ ଜିଲ୍ଲାର ଦାତାମାନଙ୍କୁ 'ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଏବଂ ମାନପତ୍ର' ପ୍ରଦାନ କରୁଛନ୍ତି

# ସୁଦର୍ଶନଙ୍କ ଗର୍ବ ଭାଙ୍ଗିଲା

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆୟୁଧ ନାମ ସୁଦର୍ଶନ । ବର୍ଷକ ଭିତରେ ବିଶେଷ ଦିନମାନଙ୍କରେ ମହାପ୍ରଭୁ ଶଙ୍ଖଚକ୍ର ହସ୍ତରେ ଉଭା ହୁଅନ୍ତି । ଏହି ଚକ୍ର ସୁନାରେ ତିଆରି ଗୋଲାକାର ଆକୃତିର ଆୟୁଧ । ପୁରାଣ ବର୍ଣ୍ଣନା ଅନୁସାରେ ନାରାୟଣ ଭଗବାନ ଚାରିଭୁଜରେ ଶଙ୍ଖ-ଚକ୍ର, ଗଦା-ପଦ୍ମ ଧାରଣ କରିଥାନ୍ତି । ଚକ୍ରଧାରୀ ନାରାୟଣ ଅତ୍ୟାଚାରୀ ରାକ୍ଷସମାନଙ୍କ ଶିର ଛେଦନ କରିବା ପାଇଁ ଚକ୍ରକୁ ପେଶି ଦିଅନ୍ତି । ଯୁଦ୍ଧ କ୍ଷେତ୍ରରେ ଖଣ୍ଡା, ତଲବାର, ଧନୁଶର, ପରଶୁ, କୁଠାରଆଦିର ବ୍ୟବହାର ଥିଲା । ଆଧୁନିକ କାଳରେ ସେ ସବୁ ଅସ୍ତ୍ରଶସ୍ତ୍ର ପୁରୁଣା ହୋଇଯାଇଛି । ତେବେ ପୁରାଣର ଦେବତାମାନେ ସେବ କାଳର ଅସ୍ତ୍ରଶସ୍ତ୍ର ଧରି ଉଭା ହୋଇଛନ୍ତି । ଶିବଙ୍କର ତ୍ରିଶୂଳ, ବଳରାମଙ୍କର ହଳମୂଷଳ, ଇନ୍ଦ୍ରଙ୍କର ବଜ୍ର ତାଙ୍କ ମହିମାକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବଡ଼ ଦେଉଳ ଉପରେ ଥିବା ଗୋଲାକାର ଚକ୍ରର ନାମ ନୀଳଚକ୍ର । ନୀଳଚକ୍ରକୁ ଦର୍ଶନ କରି ଦୂରରୁ ଭକ୍ତମାନେ ଭକ୍ତିପୂତ ଦଣ୍ଡବତ ପ୍ରଣାମ କରିଥାନ୍ତି ।



ପୂଜକମାନେ ନୀଳଚକ୍ରକୁ ଦେଖାଇ ଭୋଗ ସମର୍ପଣ କରିଥାନ୍ତି । ଏହି ଭୋଗ ମହାପ୍ରଭୁଙ୍କର 'ଚକ୍ରମଣୋହି' ନାମରେ ଖ୍ୟାତ । ମାତ୍ର ରତ୍ନସିଂହାସନ ଉପରେ ବସି ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ମଧ୍ୟରେ ସୁଦର୍ଶନ ଅନ୍ୟତମ ଦେବତା । ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନ ଭକ୍ତମାନଙ୍କ ପାଇଁ ଅଭୟପ୍ରଦ । ସୁଦର୍ଶନଙ୍କ ବର୍ଣ୍ଣ ଓ ପ୍ରଭା କୋଟି ସୂର୍ଯ୍ୟ ଠାରୁ ମଧ୍ୟ ତେଜସ୍କର । ରଥଯାତ୍ରାବେଳେ ପ୍ରଥମେ ପହଣ୍ଡି ହୋଇ ଆସନ୍ତି ଚକ୍ର ସୁଦର୍ଶନ । ସେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିଜେ ହୁଅନ୍ତି । ତାଙ୍କ ପହଣ୍ଡିକୁ କୁହାଯାଏ ଶୂନ୍ୟ ପହଣ୍ଡି । ଦଇତାପତିଙ୍କ କାନ୍ଧରେ ବିଜେ ହୋଇ କ୍ଷିପ୍ର ଗତିରେ ସୁଦର୍ଶନ ପହଣ୍ଡି କରନ୍ତି । ରତ୍ନସିଂହାସନରେ ଦିଅଁମାନେ ତିନିବାଡ଼ ହୋଇ ପୂଜା ପାଆନ୍ତି । ସୁଦର୍ଶନ ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ର ଦେବତା । ମହାପ୍ରଭୁଙ୍କ ସାଥିରେ ରତ୍ନ ସିଂହାସନରେ ପୂଜା ପାଉଥିବାରୁ ଥରେ ସୁଦର୍ଶନଙ୍କ ମନରେ ଅହଂକାର ଜାତ ହେଲା । ମହାପ୍ରଭୁ ସବୁ ସହିବେ, ଅହଂକାରକୁ ସହ୍ୟ କରିବେ ନାହିଁ । ଚିରଞ୍ଜିବୀ ହନୁମାନଙ୍କୁ ମହାପ୍ରଭୁ ସ୍ମରଣ କଲେ । ଏଣେ ସୁଦର୍ଶନଙ୍କୁ ଆଦେଶ ଦେଲେ ବଡ଼ ଦେଉଳର ଚାରିଦ୍ୱାର ଜଗି ରହିବା ପାଇଁ । ବିନା ଅନୁମତିରେ କୌଣସି ଦେବଦେବୀ ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ମନା କରିଦେଇ ମହାପ୍ରଭୁ ଅନୁଗତ ଭକ୍ତ ହନୁମାନଙ୍କୁ ସ୍ମରଣ କଲେ । ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଶିଖରରେ ଧ୍ୟାନମଗ୍ନ ଥିଲେ । ମହାପ୍ରଭୁ ସ୍ମରଣ କରିବାରୁ ତାଙ୍କ ଧ୍ୟାନଭଗ୍ନ ହେଲା । ହଠାତ୍ ପବନ ବେଗରେ ସେ ଆସି ପହଞ୍ଚିଲେ ଶ୍ରୀମନ୍ଦିର ସିଂହଦ୍ୱାରରେ । ଦେଖିଲେ ସୁଦର୍ଶନ ଚକ୍ର ଘୁରୁଛନ୍ତି । କହିଲେ- ବାଟ ଛାଡ଼ନ୍ତୁ ମୁଁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବି । ସୁଦର୍ଶନ ଜବାବ୍ ଦେଲେ ମହାପ୍ରଭୁଙ୍କର ଆଦେଶ ନାହିଁ । ଆପଣଙ୍କୁ ମୁଁ ଭିତରକୁ ଯିବା ପାଇଁ ଛାଡ଼ି ପାରିବି ନାହିଁ । ହନୁମାନ ତରତର ଥିବାରୁ ଦକ୍ଷିଣ ଦ୍ୱାରକୁ ଚାଲିଗଲେ । ସେଠାରେ ଠିକ୍ ସେହି ଅବସ୍ଥା । ଘୁରୁଛନ୍ତି ସୁଦର୍ଶନ । କହିଲେ ପ୍ରଭୁଙ୍କ ଆଦେଶ ନାହିଁ । ଆପଣଙ୍କୁ ବାଟ ଛାଡ଼ିପାରିବି ନାହିଁ । ହନୁମାନ ଚାଲିଲେ ପଶ୍ଚିମ ଦ୍ୱାରକୁ । ସେଠାରେ ମଧ୍ୟ ଜଗିଛନ୍ତି ସୁଦର୍ଶନ । ସବାଶେଷରେ ଆସି ପହଞ୍ଚିଲେ ଉତ୍ତର ଦ୍ୱାରରେ । ଉତ୍ତର ଦ୍ୱାର ଦେବତାମାନଙ୍କ ଯିବା ଆସିବା ପଥ । ମୋକ୍ଷ ମାର୍ଗ । ଏଇ ବାଟରେ ଯିବା ସହଜ ହେବ ଭାବି ହନୁମାନ ଯାଇ ଦେଖନ୍ତି ଏଠାରେ ମଧ୍ୟ ସୁଦର୍ଶନ କ୍ଷିପ୍ର ଗତିରେ ଘୁରି ପଥରୋଧ କରିଛନ୍ତି । ମହାପ୍ରଭୁଙ୍କ ଦର୍ଶନ ପାଇଁ ହନୁମାନ ଯାଉଛନ୍ତି । ତାଙ୍କ ପଥରୋଧ କରୁଛନ୍ତି ସୁଦର୍ଶନ । ତ୍ରେତୟା ଯୁଗରେ ସୀତାଠାବ କରିବାକୁ ଯିବାବେଳେ ନାନା ପ୍ରକାର ବିଘ୍ନ ଆସି ପଥ ଓଗାଳି ଥିଲା । ସେତେବେଳେ ହନୁମାନ ମନେ ମନେ ଚିନ୍ତା କରିଥିଲେ 'ପ୍ରଭୁ କାର୍ଯ୍ୟେ ବିଳମ୍ବ ଯେ ନୁହଇ ବେଭାର' । ଆପଣା ପରାକ୍ରମ ଦେଖାଇ ସମସ୍ତ ବିଘ୍ନକୁ ଦୂର କରିଦେଇଥିଲେ । ଆଜି ସେହି କଥା ମନେ ପକାଇ ମହାପ୍ରଭୁଙ୍କୁ ମନେ ମନେ ସୁମରଣା କଲେ ଏବଂ ବିରାଟକାୟ ହୋଇଗଲେ । ପ୍ରତ୍ୟେକ ଦ୍ୱାରରେ ଘୁରୁଥିବା ସୁଦର୍ଶନ ଚକ୍ରଙ୍କୁ ଗୋଟିଏ ଗୋଟିଏ ହାତରେ ଜାବୁଡ଼ି ଧରିଲେ । ତାଙ୍କର ଗୋଟିଏ ହାତରେ ସବୁବେଳେ ଜପମାଳା ଥାଏ ଏବଂ ଅନ୍ୟ ହାତଟି ଭକ୍ତଙ୍କ ପାଇଁ ବର ଦାନକାରୀ ହସ୍ତ । ଅନ୍ୟ ଦୁଇଗୋଟି ହାତ କରଯୋଡ଼ ଅବସ୍ଥାରେ ରହିଲା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଇଁ । ଗରୁଡ଼ ସ୍ତମ୍ଭ ପଛରେ କରଯୋଡ଼ ଅବସ୍ଥାରେ ଠିଆହୋଇ ଅଷ୍ଟଭୁଜ ହନୁମାନ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବିନୀତ ପ୍ରଣାମ ନିବେଦନ କଲେ । ରଙ୍ଗ ଅଧରରେ ହସ ଉକୁଟାଇ ଚକା ନୟନ ଚାହିଁଲେ ସୁଦର୍ଶନଙ୍କ ଆଡ଼କୁ । ମହାପ୍ରଭୁଙ୍କ ବଳିୟାର ଭୁଜର ଶତ୍ରୁନାଶକାରୀ ଅସ୍ତ୍ର ଏବଂ ଶ୍ରୀଜଗନ୍ନାଥଙ୍କ ବାଡ଼ର ଦେବତା ସୁଦର୍ଶନଙ୍କ ଦୟନୀୟ ଅବସ୍ଥା, ଭକ୍ତ ଶ୍ରେଷ୍ଠ ହନୁମାନଙ୍କ ହାତରେ ଧୀରସ୍ଥିର ଭାବେ ରହିଥିବା ଚକ୍ରରାଜଙ୍କ ଅହଂକାର ଧୂଳିସାତ୍ ହୋଇଯାଇଥିଲା ।

ଏବେ ଉତ୍ତର ଦ୍ୱାର ଦେଇ ଆସିଲେ ଡାହାଣ ଦିଗରେ 'ଅଷ୍ଟଭୁଜ ହନୁମାନ' ପୂଜା ପାଉଛନ୍ତି । ତାଙ୍କର ଚାରିହସ୍ତରେ ଚକ୍ର, ଗୋଟିଏ ହସ୍ତରେ ଜପମାଳା, ଅନ୍ୟ ହସ୍ତ ବରଦମୁଦ୍ରାରେ ଏବଂ ସର୍ବୋପରି ଦୁଇ କର ନମସ୍କାର ମୁଦ୍ରାରେ ରହିଛି । ଇଏ ଅଷ୍ଟଭୁଜ ହନୁମାନ । ସିଦ୍ଧିଦାତା ଭାବେ ଯାଙ୍କର ପ୍ରସିଦ୍ଧି ରହିଛି ।

● *ଶଂକର୍ଷଣ ମଂଗରାଜ*

*(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ଼, ପୁରୀ-୧*

## ମିଥୁନ (ରଜ) ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | | |
|---|---|---|
| ତା. ୧୫.୦୬.୧୯ ରିଖ | ଶନିବାର | ଶ୍ରୀମନ୍ଦିରରେ ରଜ (ମିଥୁନ) ସଂକ୍ରାନ୍ତି, ଦଇତାପତି ପ୍ରବେଶ |
| ତା. ୧୭.୦୬.୧୯ ରିଖ | ସୋମବାର | ଶ୍ରୀମନ୍ଦିରରେ ସ୍ନାନଯାତ୍ରା, ଗଜାନନ ବେଶ ଓ ଅନବସର ଆରମ୍ଭ |
| ତା. ୨୮.୦୬.୧୯ ରିଖ | ଶୁକ୍ରବାର | ଶ୍ରୀମନ୍ଦିରରେ ଚକାବିଜେ, ଅନବସର ଦଶମୀ |
| ତା. ୨୯.୦୬.୧୯ ରିଖ | ଶନିବାର | ଶ୍ରୀମନ୍ଦିରରେ ଖଳି ଲାଗି, ଅନବସର ଏକାଦଶୀ |
| ତା. ୩୦.୦୬.୧୯ ରିଖ | ରବିବାର | ଶ୍ରୀନଅରକୁ- ରାଜ ପ୍ରସାଦ ବିଜେ |
| ତା. ୦୧.୦୭.୧୯ ରିଖ | ସୋମବାର | ଶ୍ରୀମନ୍ଦିରରେ ଘଣା ଲାଗି ଓ ବନକ ଲାଗି |
| ତା. ୦୨.୦୭. ୧୯ ରିଖ | ମଙ୍ଗଳବାର | ଶ୍ରୀମନ୍ଦିରରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ |
| ତା. ୦୩.୦୭.୧୯ ରିଖ | ବୁଧବାର | ଉଭା ଯାତ୍ରା |
| ତା. ୦୪.୦୭.୧୯ ରିଖ | ଗୁରୁବାର | ଶ୍ରୀଗୁଣ୍ଡିଚା ଯାତ୍ରା |
| ତା. ୦୮.୦୭.୧୯ ରିଖ | ସୋମବାର | ଶ୍ରୀମନ୍ଦିରରେ ହେରାପଞ୍ଚମୀ |
| ତା. ୧୧.୦୭.୧୯ ରିଖ | ଗୁରୁବାର | ସଂଧ୍ୟା ଦର୍ଶନ, ସୁଦଶାବ୍ରତ |
| ତା. ୧୨.୦୭.୧୯ ରିଖ | ଶୁକ୍ରବାର | ବାହୁଡ଼ା ଯାତ୍ରା ଓ ହରିଶୟନ ଏକାଦଶୀ |
| ତା. ୧୩.୦୭.୧୯ ରିଖ | ଶନିବାର | ବଡ଼ତଡ଼ାଉ ବେଶ (ସୁନାବେଶ) ଗରୁଡ଼ ଶୟନ |
| ତା. ୧୪.୦୭.୧୯ ରିଖ | ରବିବାର | ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରପଣା |
| ତା. ୧୫.୦୭.୧୯ ରିଖ | ସୋମବାର | ନୀଳାଦ୍ରି ବିଜେ |

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.jagannath.nic.in**

**Printed at : Rama Press, North Gate, Puri, Ph. : 222145**

ମୂଲ୍ୟ : ଦୁଇଟଙ୍କା ମାତ୍ର